REGIONAL NEWS UNIT, AIR CUTTACK

Morning Bulletin (7.05 AM)

25 November– 2026

ବାଲିଯାତ୍ରା–ରାଷ୍ଟ୍ରପତି

ଅତୀତରୁ ପ୍ରେରଣା ନେଇ ବର୍ତ୍ତମାନକୁ ଗଢ଼ିବା ଏବଂ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି । ଐତିହାସିକ କଟକ ବାଲିଯାତ୍ରାର ଉଦ୍‌ଘାଟନ କରିବା ଅବସରରେ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଛନ୍ତି, ଓଡ଼ିଶା ଶିଳ୍ପପତିମାନଙ୍କର ପୁଞ୍ଜି ନିବେଶ ପାଇଁ ଏକ ପ୍ରମୁଖ ଶିଳ୍ପକେନ୍ଦ୍ର ଭାବେ ଉଭା ହେଉଛି । ଏହା ରାଜ୍ୟ ଓ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଶୁଭ ସଂକେତ । ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବା ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ ନେଇ ଯୁବପିଢ଼ିଙ୍କୁ ଆତ୍ମନିର୍ଭର ହେବା ପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ବିଶ୍ୱରେ ଆର୍ଥିକ କ୍ଷେତ୍ରରେ ଦେଖାଦେଇଥିବା ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ସୁଦୃଢ଼ ରହିଛି, ଯାହାକି ବିଶ୍ୱରେ ଭାରତର ସ୍ଥିତିକୁ ମଜବୁତ କରିଛି ।

V/O

ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ଭୁବନେଶ୍ୱରସ୍ଥିତ ଡକ୍ଟର ଅଭିନ୍ନଚନ୍ଦ୍ର ହୋମିଓପାଥ୍ ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ ହୋମିଓପାଥ୍‌କ୍ ବୈଜ୍ଞାନିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।

ମଧୁବାବୁ ପେନସନ୍ ଯୋଜନା

ସରକାର ମଧୁବାବୁ ପେନସନ୍ ଯୋଜନାରୁ ବଞ୍ଚିତ ନୂତନ ହିତାଧିକାରୀ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧିନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିବେ। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସରେ ଆଜି ଏହି ଭତ୍ତା ପ୍ରଦାନ କରାଯିବ । ଜିଲ୍ଲାସ୍ତରୀୟ କିମ୍ବା ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ଭତ୍ତା ଗ୍ରହଣ କରିପାରିନଥିବା ହିତାଧିକାରୀମାନଙ୍କୁ ଏହି ସୁଯୋଗ ମିଳିବ।

ଟିକସଦାତା ହବ୍

ଓଡ଼ିଶା ଆୟକର ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ୩ ଦିନିଆ ‘ଟିକସଦାତା ହବ୍ ୨୦୨୬’ ଆଜିଠାରୁ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ଟିକସଦାତାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି, କର ପ୍ରଦାନକୁ ପ୍ରୋତ୍ସାହନ ଏବଂ ଆୟକର ବିଭାଗ ଓ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସଂପର୍କ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଆୟକର ବିଭାଗ ଏବଂ ପଶ୍ଚିମବଙ୍ଗ ଓ ସିକିମ୍‌ର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ସୁରଭୀ ବର୍ମା ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ବିମ୍‌ଷ୍ଟେକ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ମିଟ୍ ୨୦୨୬ ଆଜିଠାରୁ ଆରମ୍ଭ ହେଉଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ଚମ୍ପିୟାନ୍‌ସିପ୍ ଆୟୋଜିତ ହେବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆଁ କହିଛନ୍ତି । ଭାରତ ସମେତ ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଏବଂ ଶ୍ରୀଲଙ୍କାର ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେବେ । ଓଡ଼ିଶାରୁ ୪ ଜଣ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି । ଏହି ଚମ୍ପିୟାନ୍‌ସିପ୍ ଦେଖିବା ଲାଗି କଳିଙ୍ଗ ଷ୍ଟାଡିୟମରେ ଦର୍ଶକମାନଙ୍କ ପାଇଁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଇଛି ।

ପଦ୍ମବେଶ

କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କର ଗତକାଲି ଦୁର୍ଲ୍ଲଭ ପଦ୍ମ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀବଳଦେବଙ୍କ ସହ ପ୍ରଭୁ ଶ୍ରୀଜଗନ୍ନାଥ ଏହି ବେଶରେ ରକ୍ତବର୍ଣ୍ଣର ପାଟ ପରିଧାନ କରିବା ସହିତ ପୁଷ୍ପାଳକ ସେବାୟତମାନଙ୍କ ଦ୍ୱାରା ସୋଲରେ ପ୍ରସ୍ତୁତ ପଦ୍ମଫୁଲରେ ସୁସଜ୍ଜିତ ହୋଇଥିଲେ । ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହ ଫୁଲ ରଥରେ ରାସ ଖେଳିଥିଲେ ।

ସଙ୍ଗମ ମହାଆଳତି

ସୁବର୍ଣ୍ଣପୁରର ତ୍ରିବେଣୀ ସଂଗମ ସ୍ୱର୍ଣ୍ଣପ୍ରୟାଗ ଘାଟରେ କାର୍ତ୍ତିକପୂର୍ଣ୍ଣିମା ଅବସରରେ ଗତକାଲି ସଙ୍ଗମ ମହାଆଳତି ଅନୁଷ୍ଠିତ ହୋଇଯାଇଛି । ନଦୀ ସୁରକ୍ଷା ଓ ପ୍ରବାହିତ ନଦୀ ଜଳର ସ୍ୱଚ୍ଛତା ବାର୍ତ୍ତା ନେଇ ଏହି ମହାଆଳତି ଅନୁଷ୍ଠିତ ହୋଇଥିଲା ।

କାର୍ତ୍ତିକେଶ୍ୱର ଭସାଣ

କଟକରେ ଆଜିଠାରୁ କାର୍ତ୍ତିକେଶ୍ୱର ପ୍ରତିମା ଭସାଣ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେଉଛି । ଚଳିତବର୍ଷ ସହରର ୮୯ଟି ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ପାଇଥିବା ବେଳେ ପ୍ରଥମ ପର୍ଯ୍ୟାୟ ଭସାଣରେ ୪୧ଟି ପୂଜାକମିଟିକୁ ସାମିଲ ହେବା ପାଇଁ ଅନୁମତି ମିଳିଛି । ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ଭସାଣ ଅନୁଷ୍ଠିତ ହେବ । ଭସାଣ ପାଇଁ ବାଲିଯାତ୍ରା ପଡ଼ିଆ ନିକଟରେ କୃତ୍ରିମ ଜଳାଶୟ ପ୍ରସ୍ତୁତ କରାଯାଇଛି ।

କ୍ରିକେଟ୍

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ **ଅଷ୍ଟମ ରାଜ୍ୟସ୍ତରୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ଚମ୍ପିୟାନ୍‌ସିପ୍** ଆରମ୍ଭ ହୋଇଛି । ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ବିଜେତା ଓ ଉପବିଜେତା ଦଳକୁ ଆସନ୍ତା ଡିସେମ୍ବର ମାସ ୩ ତାରିଖରେ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ପୁରସ୍କୃତ କରାଯିବ । ଏହି ପ୍ରତିଯୋଗିତାରୁ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଦଳ ମନୋନୟନ କରାଯିବ ।

ପାଣିପାଗ

ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ରାଜ୍ୟର କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ କୁହୁଡ଼ି ଦେଖାଦେବା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ କୋରାପୁଟରେ ଘନ କୁହୁଡ଼ି ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।